ନଭେମ୍ବର ୧,୨୦୦୫ ମଙ୍ଗଳବାର

Google Search




## ବିଜ୍ଞାନ ସଂସ୍ଥା ସ୍ଥାନାନ୍ତର ପ୍ରସଙ୍ଗ ସଂସଦରେ ଉଠାଇବାକୁ ନେତାଙ୍କ ପ୍ରତିଶ୍ରୁତି

ଓଡ଼ିଶା ଡଟ୍ କମ୍ ସମ୍ବାଦଦାତା

ଭୁବନେଶ୍ୱର, ନଭେମ୍ବର ୧(ଓଡ଼ିଶା ଡଟ୍ କମ୍) ଓଡ଼ିଶାରୁ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥାକୁ କୋଲକାତାକୁ ସ୍ଥାନାନ୍ତର କରିବା ପ୍ରସଙ୍ଗ ସଂସଦରେ ଉପସ୍ଥାପନ କରିବା ପାଇଁ ରାଜ୍ୟର କେତେକ ନେତା ପ୍ରତିଶ୍ରୁତି ଦେଇଥିବା ଓଡ଼ିଶା ସୋସାଇଟି ଅଫ ଆମେରିକାର ଉପ ସଭାପତି ଧୀରେନ୍ଦ୍ର କର କହିଛନ୍ତି।

ଲୋକସଭାରେ ସଦସ୍ୟ ଥିବା ଓଡ଼ିଶାର ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ, ଗତ ଏନ୍‌ଡିଏ ସରକାରଙ୍କ ଦୁଇ ଜଣ କ୍ୟାବିନେଟ ମନ୍ତ୍ରୀଙ୍କ ସମେତ ବିଭିନ୍ନ ଦଳର ସାତ ଜଣ ନେତା ଏହି ପ୍ରସଙ୍ଗ ସଂସଦର ପରବର୍ତ୍ତୀ ଅଧିବେଶନରେ ଉପସ୍ଥାପନ କରିବେ ବୋଲି ଏହି ନେତାମାନଙ୍କ ସହ ଯୋଗାଯୋଗ କରିଥିବା କର ଓଡ଼ିଶା ଡଟ୍ କମ୍ କୁ ପଠାଇଥିବା ଏକ ଚିଠିରେ ପ୍ରକାଶ କରିଛନ୍ତି।

ଏହାସହ ପଢନ୍ତୁ
ଚାପ ପରେ ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଦାବି ଦୋହରାଇଲେ ସରକାର
ପ୍ରସ୍ତାବିତ ଜାତୀୟ ସଂସ୍ଥା ସ୍ଥାନାନ୍ତର ବିରୋଧରେ ଶତାଧିକ ଓଡ଼ିଆଙ୍କ ପିଟିସନ
ଏଗାର ବର୍ଷର ସରକାରୀ ବିଜ୍ଞାନ ପତ୍ରିକାର ପ୍ରସାର ପଚିଶ ଶହ
ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥା ସ୍ଥାନାନ୍ତରର ମିଳିତ ବିରୋଧ ହେଉ
ଚିଠି ପତ୍ର

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କୋରାପୁଟ ଜିଲ୍ଲାର ଜାତୀୟ କଂଗ୍ରେସ ନେତା ଗିରିଧର ଗମାଙ୍ଗୋ, ଯାଜପୁରର ବିଜୁ ଜନତା ଦଳ(ବିଜେଡି)ର ମୋହନ ଜେନା, କଟକରୁ ବିଜେଡି ଦଳର ଭର୍ତ୍ତୃହରି ମହତାବ ଏଥିନେଇ ସେମାନଙ୍କ ସମ୍ମତି ଜଣାଇଛନ୍ତି।

ଏ ସଂପର୍କରେ ସୁନ୍ଦରଗଡ଼ରୁ ସାଂସଦ ତଥା ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ଓ ପୂର୍ବତନ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଜଗତସିଂହପୁରର ବିଜେଡି ନେତା ବ୍ରହ୍ମାନନ୍ଦ ପଣ୍ଡା, ବ୍ରହ୍ମପୁରର କଂଗ୍ରେସ ନେତା ଚନ୍ଦ୍ର ଶେଖର ସାହୁ, ଭଦ୍ରକର ବିଜେଡି ନେତା ଅର୍ଜ୍ଜୁନ ଚରଣ ସେଠୀଙ୍କ ପ୍ରତିକ୍ରିୟା ଉତ୍ସାହଜନକ ଥିଲା ବୋଲି ସେ କହିଛନ୍ତି।

ରାଜ୍ୟବାସୀ ମିଳିତଭାବେ ସେମାନଙ୍କୁ ଅନୁରୋଧ କଲେ ରାଜ୍ୟର ସମ୍ମାନ ପାଇଁ ସେମାନେ ଦଳଗତ ମତଭେଦ ଭୁଲି ସଂସଦରେ ଏହି ପ୍ରସଙ୍ଗକୁ ଉଠାଇବାକୁ ନିଶ୍ଚୟ ଚେଷ୍ଟା କରିବେ ବୋଲି କର କହିଛନ୍ତି।

୨୦୦୩ ଡ଼ିସେମ୍ବରରେ ତତ୍କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଭାରତୀୟ ବିଜ୍ଞାନ ସଂସ୍ଥାନ ଦେଶର ଚାରୋଟି ସହର ଯଥା ପୁନେ ,ଭୁବନେଶ୍ୱର,ଆହ୍ଲାବାଦ ,ଓ ଚେନ୍ନାଇରେ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଥିଲେ।

ସୂଚନା ଯୋଗ୍ୟ ଯେ, ଗତ ମାସ ୨୭ ତାରିଖରେ ପୁଣେ ଏବଂ କୋଲକାତାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଖୋଲାଯିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଥିବା ବେଳେ ଉକ୍ତ ବୈଠକରେ ଓଡ଼ିଶାରେ ସଂପୃକ୍ତ ଅନୁଷ୍ଠାନ ଖୋଲାଯିବା ନେଇ କୌଣସି ଆଲୋଚନା ହୋଇ ନ ଥିଲା।

ଓଡ଼ିଶା ଡଟ୍ କମ୍

## ସପିଙ୍ଗ୍ ଜୋନ୍

**ପରିଧାନ**

ସଲ୍ଓ୍ୱାର କାମିଜ୍ - ଶାଢ଼ୀ - ସାରଙ୍ଗ_ - କୁର୍ତ୍ତା - ଚୋଲି - ଟପ୍ସ୍

**ଘରକରଣା ସାମଗ୍ରୀ**

ଇଲୋକଟ୍ରୋନିକ୍ସ - ଘରକରଣା ସାମଗ୍ରୀ - ରୋଷେଇ ସାମଗ୍ରୀ - ସୁନା ଗହଣା - ଚମଡା ସାମଗ୍ରୀ - ଘଣ୍ଟା

**ଅନ୍ୟାନ୍ୟ**

ଜ୍ୟୋତିଷୀ - ବହି ଏବଂ ସିଡ଼ି -ଭାରତ ଦର୍ଶନ - ବନ୍ଧୁ ଉପହାର ସାମଗ୍ରୀ - ଭାରତକୁ ରାକ୍ଷୀ - ଆମେରିକାକୁ ରାକ୍ଷୀ - ଆମେରିକାକୁ ମିଠା - ଅନ୍ୟାନ୍ୟ ପରିଧାନ - ବ୍ୟାଗ - ଓ୍ୱାଲ ହେଙ୍ଗିଙ୍ଗ୍ - ତାଜା ଫୁଲ - ତାଜା ଫଳ -କେକ୍




Contact address: info@odisha.com , odisha@rediffmail.com

Copy right 2004-2009 odisha.com, All rights reserved

Editor in Chief: JATINDRA DASH

ଓଡ଼ିଶା ଡ଼ଟ୍ କମ୍‌ର ଘୋଷଣାନାମା